ଜତୁଗୃହ ଦାହ ଓ ଭୀମଙ୍କର ଅଗ୍ନିସ୍ତବ
ବିଦୁରେ ହସ୍ତିନା ଭୁବନେ ପ୍ରବେଶ ହୋଇଲେକ ଯାଇ
ଅଛନ୍ତି ପାଣ୍ଡବ ଯେ ଜଦୁର ଘରେ ରହି ।୧ ।
ବିଦୁରେ ଗଲେ ଯେ ଦ୍ୱାରକା ଭୁବନକୁ
ସମସ୍ତ ସଂବାଦ କହିଲେ ଶ୍ରୀ ବାସୁଦେବଙ୍କୁ ।୨ ।
ମୋହୋରେ ଯେତେକ ଯେ ହୋଇଲାକ ଦାମୋଦର
ତୋହୋର ବୁଦ୍ଧି ବଳେ ସ୍ୱାମୀ ଜଦୁଘରୁ ପାରିକର ।୩ ।
ଶ୍ରାବଣ ଶୁକଳ ଯେ ତ୍ରୟୋଦଶୀ ଚନ୍ଦ୍ର ବାର
ମୂଳା ନକ୍ଷତ୍ର ଯଏ ଭୋଗ ଅଟଇ ସେ ଦିନର ।୪ ।
ବିଦୁରେ ବୋଇଲେ ହରି କେବଣ କୃତ୍ୟ କରିବା
କେମନ୍ତେ ପାଣ୍ଡବନ୍ତ ପାର କରି ଦେବା ।୫ ।
ବିମ୍ବର ବାଟେ ଯେବେ ହୋଇବେ ବାହାର
କେବଣ ବୁଦ୍ଧି ଉପାୟେ ଅଛଇ ତୋହୋର ।୬ ।
ବୋଲନ୍ତି ଶ୍ରୀହରି ଶୁଣ ହୋ ବିଦୁର
ଯେ କଥାକୁ ଉପାୟେ ଅଛିନି ମୋହୋର ।୭ ।
ମେଘାନ୍ତ ହକାରିଣ ବୋଲନ୍ତି ନାରାୟଣ
ବାରୁଣାବନ୍ତେ ଘୋର କରିବା ବରଷଣ ।୮ ।
ନାରାୟଣଙ୍କ ଆଗ୍ୟାଂୟେ ବରଷନ୍ତି ମେଘେ
ମୂଷଳ ଧାରା ପ୍ରମାଣେ ସେ ବରଷନ୍ତି ଉଛର୍ଗେ ।୯ ।
ଅନୁଭବ ବନେ ଅଜରାଜ  ନାମେଣ କିରାତ
ଜୟନ୍ତା ନାମେ ଭାରିଯା ତା କୋଳେ ପାଞ୍ଚ ପୁତ୍ର ।୧୦ ।
ନିର୍ଘାତ ବଜ୍ର ସୂଚି ପଡିଲା ତାର ବାସ
ଅଜ ଶବର ଉପରେ ପଡିଲାକ ସେ ହୋଇଲାକ ନାଶ ।୧୧ ।
ଆଶ୍ରମ ଗୋଟି ଯେ ତାର ଗଲା ଜଳି
ପାଞ୍ଚ ଗୋଟି ପୁତ୍ର ଘେନି ପଳାଇଲା ବିକଳୀ ।୧୨ ।
ଜଦୁର ଘର କାଛରେ ସେ ଲାଗି ଲାକ ଯାଇଂ
ଭୀମସେନ ବୋଇଲା ଲୋ ଆସୁଅଛୁ କାହିଂ ।୧୩ ।
କେ ଟି ବୋଲିଣ ଚାହିଂଲେ ଦେବୀ କୋନ୍ତୀ
ଆସ ଆସ ମହାତ୍ମାଣୀ ଗୋ ଅଟୁ କେଉଣ ଜାତି ।୧୪ ।
ମୁହିଂ କିରାତୁଣୀ ଅଟଇ ବନଚର
ପାଞ୍ଚ ଗୋଟି ପୁତ୍ର ଗୋ ଅଟଇ ମୋହୋର ।୧୫ ।
ସ୍ୱାମୀ ମୋହୋର ନାଶ ଗଲା ବଜ୍ର ସୂଚୀ ଘାୟେ
ରହିବାକୁ ଠାବ ଖଣ୍ଡିଏ ଦେୟସି ଗୋ ମାୟେ ।୧୬ ।
ଯେ ପାଞ୍ଚ ଗୋଟି ପୁତ୍ର ଯେ ତୋହୋର ବାଳ ଶିଷ
ନାମ ଗୋଚି ଆଇ ଅଟଇ ତୋର କିସ ।୧୭ ।
ବୋଲଇ ଶବରଣୀ ଶୁଣ ଗୋସାମଣୀ
ମୋହୋର ନାମ ଅଟଇ ଜୟନ୍ତା ଶବରଣୀ ।୧୮ ।
କୋଇନ୍ତା ବୋଇଲେ ଗୋ ଭିତରେ ରହ ଆସି
ନାମ ଅକ୍ଷର ପଡିଲା ତୁ ମୋହୋର ବୟେସୀ ।୧୯ ।
ମୋହୋର ପାଞ୍ଚଗୋଟି ପୁତ୍ର ତୋହୋର ପାଞ୍ଚପୁତ୍ର
ଆସ ଆସ ପଇଠି ଗମ୍ଭିରିରେ ପଶସି ରେ ସଂଘାତ ।୨୦ ।
ଭୀମ ଦ୍ୱାର ଛାଡ, ସେ ପଶନ୍ତୁ ଭିତରେ
ମାତାଙ୍କର ଆଗ୍ୟାଂୟେ ଛାଡିଲା ଦ୍ୱାର ବ୍ରିକୋଦରେ ।୨୧ ।
ପଇଠ ଗମ୍ଭିରେ ସେ ରହିଲା ଶବରୁଣୀ
ଶେଯ୍ୟା ଗୋଟିୟେ ତାହାକୁ କୋଇନ୍ତା ଦିଲେ ଆଣି ।୨୨ ।

ବନସ୍ତେ ଅନେକ ଯେ ଅଇଲେ ଦୁଖ ପାଇ
ଉଷୁମେ ନିଦ୍ରା ଗଲେ ଯେ ଅସାଷ୍ଟମ ହୋଇ ।୨୩ ।
ଯୁଝେଷ୍ଠି ଭୀମ ଅର୍ଜୁନ ନକୁଳ ସହଦେବ
କୋଇନ୍ତାକୁ ଘେନି ଭିତରେ ପଶିଲେ ପଞ୍ଚୁ ପାଣ୍ଡବ ।୨୪ ।
ଯୁଝେଷିଠି ବୋଇଲେ ଶୁଣସି ଗୋ ମାୟେ
ୟେଥୁ ପାର ହୋଇଯିବା ୟେହୁ ଯେ ସମୟେ ।୨୫ ।
ପର୍ବତକୁ ଆଡିଆଇ ପଶିଲେ ଭିତରେ
କୋଇନ୍ତାକୁ ଭୀମସେନ ବସାଇଲା ଶିରେ ।୨୬ ।
ଡାହାଣ କାନ୍ଧେ ଯୁଝେଷ୍ଠି ବାମ କାନ୍ଧରେ କିରୀଟୀ
ଦୁଇ କାଖେ ବସାଇଲା ନକୁଳ ସହଦେବ ଦୁଇ ଗୋଟି ।୨୭ ।
ବାଉନ ବାଉନ ଭାର ଗଦା ଧରି ବେନି ହସ୍ତେ
ବିମ୍ବରେ ଚଳଇ ଭୀମ ପବନ ଅପତ୍ୟେ ।୨୮ ।
ସୁର ନଦୀ କୂଳେ ନେଇ ବସାଇଲା ପାଞ୍ଚନ୍ତି
ଜଦୁର ଘରକୁ ଭୀମସେନ ଲେଉଟ ଅଇଲା ନିଶାରାତି ।୨୯ ।
ବିମ୍ବରେଣ ପଶି ଆସି ଜଦୁ ଘରେ ମିଳି
ଝିମାଣିଶାଳୁଂ ଅଗ୍ନି ଆଣି ବାମକରେ ଦିଲା ଜାଳି ।୩୦ ।
ଭାମସେନ ଡୋକିଲା ପୁରଞ୍ଜନ ପଣ୍ଡାକୁ
ତୁ ସେ ପ୍ରତଗ୍ୟାଂ ପାଣ୍ଡବନ୍ତ ମାରିବାକୁ ।୩୧ ।
ପ୍ରତଗ୍ୟାଂ ସାଚା ହୋଇଲା ତୋହୋର ଦ୍ୱିଜବର
ପାଣ୍ଡବନ୍ତ ମାରି ରାଜ୍ୟ ଦିଅ କୁରୁବୀର ।୩୨ ।
-------------------------

୨୫ ।୨ ପଦ"ୟେଥୁ ପାର ହୋଇଯିବା ୟେହୁ ଯେ ସମୟେ"ପରେ ଅଧିକ ପାଠ-
ବିଧାତା ଆଣି ସ୍ରିଜିଲାନି ୟେହା
ଆମୃନ୍ତ ଧର୍ମ ହୋଇଲାନି ସାହା ।
ପୁରଞ୍ଜନକୁ ଦେଖିଲେ ବାହାର ପିଣ୍ଡାୟେ ଅଛି ଶୋଇ
ନିଦ୍ରାରେ ଅଚେତନ ଶରୀରେ ଗ୍ୟାଂନ ନାହିଂ ।

ଜଦୁର ଘରକେ ଯେ କପଟେ ଭିଆଇଲୁ ।୩୩ ।
ପୁରଞ୍ଜନକୁ ଝିଙ୍ଗାସଇ ପବନର ବଳା
ଧାତିକାରେ ଜଦୁର ଘରେ ଲଗାଇଲୁ ହୁଳା ।୩୪ ।
ଜଉ ସଜଳସ ଗୁଆଗୃତେ ଛଣପଟ
ୟେ ଚାରିଙ୍କିଂ ମେଦି କରି ଘର କରଛୁ କପଟ ।୩୫ ।
ଯେତେବେଳେ ହୁଳା ଲଗାଇଲେ ଜଦୁର ଘରେ
ଜଳିଲା ଅନଳ ଯଏ କାଳାନଳ ପରଖରେ ।୩୬ ।
ପଣ୍ଡାୟେ ପଳାଅ ତୁମ୍ଭେ ବାହାର ହୋଇ
କାହୁଂ ଆଣି ଲଗାଇଲେ ତୁମ୍ଭେ ଜୁଇ ।୩୭ ।
ୟେହିକ୍ଷଣି ଆମ୍ଭେ ମରିବଇଂ ପୋଡି
ତୁମ୍ଭେ ପଳାଅ ପଣ୍ଡା ହେ ଅଗ୍ନି ଆସୁଅଛି ମାଡି ।୩୮ ।
ତୁରିତେ ଅଗ୍ନି ଲାଗିଲା ବ୍ରାହ୍ମଣ ଭୀମ ଦୁହିଙ୍କର କର
ମୁହଂ ମାଡି ପଡିଲା ବ୍ରାହ୍ମଣ ଭୂମିର ।୩୯ ।
ଭୀମସେନ ପଳାବନ୍ତେ ଅଗ୍ନିର ତେଜ ଲାଗି
ଅନେକ ତୁଷ୍ଟି ଭୀମ କଲା ପରମ ଯୋଗୀ ।୪୦ ।
ରହ ରହ ପବନ ନନ୍ଦନ ମୋହୋର ହାତରୁ ଯିବୁ କାହିଂ
ରହିଣ ଭୀମସେନ ବିସ୍ମୟ ହୋଇ ତୁଷ୍ଟି କରଇ ତହିଂ ।୪୧ ।
ଜୟ ତୁ ଜୟ ତୁ ଦେବ ବୈଶ୍ୱାନର

ଜୟ ତୁ ଜୟ ତୁ ଦେବ ଦୋହୋରା ଅବତାର ।୪୨ ।
ଜୟ ତୁ ଜୟ ତୁ ଦେବ ଦହନ ପାପ ଘୋରା
ଜୟ ତୁ ଜୟ ତୁ ଦେବ ଗୋପ୍ୟାନ ଦୋହୋରା ।୪୩ ।
ଜୟ ତୁ ଜୟ ତୁ ଦେବ ଆହାରେ ମତ୍ତଭୋଳା
ଜୟ ତୁ ଜୟ ତୁ ଦେବ ସିଦ୍ଧ ଅନର୍ଗଳା ।୪୪ ।
ଜୟ ତୁ ଜୟ ତୁ ଦେବ କାଳ ଯେ ଅନଳ
ଜୟ ତୁ ଜୟ ତୁ ଦେବ ପ୍ରସନ୍ନେ ପିଙ୍ଗଳ ।୪୫ ।
ଜୟ ତୁ ଜୟ ତୁ ଦେବ ମହାରୁଦ୍ର ମୂର୍ତ୍ତି
ଜୟ ତୁ ଜୟ ତୁ ଦେବ ତ୍ରୋଟ ଅନଳ ଜ୍ୟୋତି ।୪୬ ।
ଜୟ ତୁ ଜୟ ତୁ ଦେବ ଶୂନ୍ୟ ପୁରୁଷ ଦକ୍ଷ
ଜୟତୁ ଜୟ ତୁ ଦେବ ଅଭକ୍ଷ ସର୍ବ ଭକ୍ଷ ।୪୭ ।
ଜୟ ତୁ ଜୟ ତୁ ଦେବ ତୁହି ପିତା ମାତା
ଜୟ ତୁ ଜୟ ତୁ ଦେବ ପ୍ରସନ୍ନେ ବର ଦ୍ୟନ୍ତା ।୪୮ ।
ଜୟ ତୁ ଜୟ ତୁ ଦେବ ସୁରସିଦ୍ଧ ମହାବ୍ରହ୍ମି
ଜୟ ତୁ ଜୟ ତୁ ଦେବ ପ୍ରସନ୍ନେ ଅଭୟ ସ୍ୱାମୀ ।୪୯ ।
ଜୟ ତୁ ଜୟ ତୁ ଦେବ ମହାବ୍ରହ୍ମ ତେଜା
ଜୟ ତୁ ଜୟ ତୁ ଦେବ ମୂର୍ଖ ଦର୍ପ ଭଞ୍ଜା ।୫୦ ।
ଜୟ ତୁ ଜୟ ତୁ ଦେବ କାଳାନଳ ହୁଅ ଶାନ୍ତି
ଜୟ ତୁ ଜୟ ତୁ ଦେବ ଅନଳ ଅନନ୍ତ ମୂର୍ତ୍ତି ।୫୧ ।
ଜୟ ତୁ ଜୟ ତୁ ଦେବ ସ୍ୱାହାର ବଲ୍ଲଭ
ଶୂଦ୍ରମୁନି ସାରୋଳା ଦାସ ଭକତି ବିନୟ ଭାବ ।୫୨ ।
ଭୀମସେନ ତୁଷ୍ଟି କଲା ବୈଶ୍ୱାନର ଦେବତାଙ୍କୁ
ଅପାଦ କାଳେ ସ୍ୱାମୀ କଟାଳ ନ କର ମୁକୁ ।୫୩ ।
ମୋତେ ୟେବାରେ ୟେଥୁଂ ରକ୍ଷା କଲେ ଦେବ ହବି
ମୋହୋର ସମାନେ ସ୍ୱାମୀ ଶତେ ଜଣ ତୋତେ ଦେବି ।୫୪ ।
ୟେତେକ ତୁଷ୍ଟି କରିଣ ବ୍ରିକୋଦର
ଧାତିକାରେ ପଶିଲା ଯାଇଂ ପାତାଳ ବିମ୍ବର ।୫୫ ।
ଦ୍ୱାରେଣ ଚାପିଲା ସେ ପର୍ବତ ଶିଳା ଗୋଟି
ଧାତିକାରେ ଧାଇଂ ଯାଇଂ ବ୍ରିକୋଦର ଭେଟିଲା ଯୁଝେଷ୍ଠି ।୫୬ ।
ଏନେକ ଧନରତ୍ନ ନେଲା ଜଦୁର ଘରୁ
ଯୁଝେଷ୍ଠି ବୋଇଲେ ୟେହା ଆଣି କିସ କରୁ ।୫୭-୬୬୩୯